# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**10 January – 2026**

---

# କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ କ୍ୟାବିନେଟ୍‌ର ୩୪ତମ ଅନୁଷ୍ଠିତ ହୋଇଯାଇଛି । ମୋଟ୍ ୮ଟି ବିଭାଗର ସମସ୍ତ ୧୧ଟି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି କ୍ୟାବିନେଟ୍‌ରେ ରାସନ କାର୍ଡ ପାଇଁ ଯୋଗ୍ୟତା ମାନଦଣ୍ଡରେ ପରିବର୍ତ୍ତନ ହୋଇଛି । ଏଥିରେ ଗ୍ରାମାଞ୍ଚଳରେ ମାସିକ ୧୫ହଜାର ଓ ସହରାଞ୍ଚଳରେ ମାସିକ ୨୦ହଜାର ଟଙ୍କା ଉପାର୍ଜନ କରୁଥିବା ପରିବାର ଖାଦ୍ୟସୁରକ୍ଷା ଯୋଜାନର ସୁବିଧା ପାଇପାରିବେ । ଏହାସହ ଶିଳ୍ପ ବିଭାଗର ଟାଟା ପାଓ୍ୱାର ନବୀକରଣ ଶକ୍ତି ଲିମିଟେଡ୍‌ର ସମନ୍ୱିତ ସୌର ଉତ୍ପାଦନ ସୁବିଧାକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ପ୍ରାୟ ୧୦ହଜାର କୋଟି ଟଙ୍କା ପୁଞ୍ଜିନିବେଶ ମାଧ୍ୟମରେ ଗଞ୍ଜାମ ଜିଲ୍ଲାରେ ସୌରସେଲ୍ ଉତ୍ପାଦନ ପ୍ରକଳ୍ପ ସ୍ଥାପିତ ହେବ । କ୍ୟାବିନେଟ୍‌ରେ ରାଜ୍ୟ ଅଭିଯୋଜନ ସେବା ନିୟମାବଳୀ ୧୯୯୭ରେ ମଧ୍ୟ ସଂଶୋଧନ ପାଇଁ ନିଷ୍ପତ୍ତି ହୋଇଛି । ସରକାର ଯୁବପିଢ଼ୀଙ୍କୁ ବିଶ୍ୱସ୍ତରୀୟ ଦକ୍ଷତା ପ୍ରଦାନ ପାଇଁ ଓଡ଼ିଶା ଦକ୍ଷତା ବିକାଶ ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି ।

ରାଜ୍ୟର ୫ଟି ସରକାରୀ ଆଇଟିଆଇକୁ ଉତ୍କର୍ଷ ଆଇଟିଆଇ ଭାବେ ଉନ୍ନୀତ କରାଯିବ । ଓଡ଼ିଶା ପର୍ଯ୍ୟଟନ ସଂଶୋଧନ ନୀତି ୨୦୨୬କୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଥିବା ଶ୍ରୀମତୀ ଗର୍ଗ କହିଛନ୍ତି...

**V/O**

## ସଂସଦ ବଜେଟ୍ ଅଧିବେଶନ

ସଂସଦର ବଜେଟ୍ ଅଧିବେଶନ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବ । ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଅଧିବେଶନ ଆସନ୍ତା ଫେବୃୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ସୋମନାଥ ପର୍ବ ପାଳନ

ସୋମନାଥ ସ୍ୱାଭିମାନ ପର୍ବ ପାଳନ ଅବସରରେ ରାଜ୍ୟର ସମସ୍ତ ଶୈବ ପୀଠରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ଆହ୍ୱାନ ଦେଇଛନ୍ତି । ରାଜ୍ୟର ଦଳୀୟ ନେତୃତ୍ୱ ତଥା କର୍ମକର୍ତ୍ତାଙ୍କ ସହ ଆଭାସୀ ମାଧ୍ୟମରେ ଆଲୋଚନା କାଳରେ ଗତକାଲି ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ରଚିତ ସୋମନାଥ ମନ୍ଦିର ଇତିହାସ ସମ୍ପର୍କିତ ଆଲେଖ୍ୟର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଇଛନ୍ତି ।

# ଶବ ବ୍ୟବଚ୍ଛେଦ ଭତ୍ତା

ଓଡ଼ିଶା ମେଡ଼ିକାଲ ସ୍ୱାସ୍ଥ୍ୟସେବା କ୍ୟାଡରର ମେଡ଼ିକାଲ ଅଧିକାରୀଙ୍କ ପାଇଁ ଶବ ବ୍ୟବଚ୍ଛେଦ ନିମନ୍ତେ ପ୍ରଦାନ କରାଯାଉଥିବା ଭତ୍ତାକୁ ସରକାର ଦୁଇଗୁଣକୁ ବୃଦ୍ଧି କରିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଏଣିକି ଏହି ଭତ୍ତା ୫୦୦ଟଙ୍କା ପରିବର୍ତ୍ତେ ହଜାରେ ଟଙ୍କା ପ୍ରଦାନ କରାଯିବ । ତେବେ ଶବ ବ୍ୟବଚ୍ଛେଦ ପାଇଁ ପୁଲିସ କେସ୍ ନମ୍ବର ଉଲ୍ଲେଖକୁ ବିଭାଗ ପକ୍ଷରୁ ବାଧ୍ୟତାମୂଳକ କରାଯାଇଛି ।

# ଓପିଟିସିଏଲ୍ ପୋର୍ଟାଲ ଶୁଭାରମ୍ଭ

ଓପିଟିସିଏଲ୍ ଦ୍ୱାରା ନିର୍ମିତ ଓଡ଼ିଶା ଗ୍ରୀଡ୍ ଇନ୍‌ସାଇଟ୍ ପୋର୍ଟାଲର ଗତକାଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶୁଭାରମ୍ଭ କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏହାର ଶୁଭାରମ୍ଭ ଅବସରରେ ଶ୍ରୀ ସିଂହଦେଓ କହିଛନ୍ତି ରାଜ୍ୟରେ ଥିବା ୨୦୧ଟି ଗ୍ରୀଡ୍ ସମ୍ପର୍କିତ ସମସ୍ତ ଭୌଗୋଳିକ ଏବଂ ବୈଷୟିକ ତଥ୍ୟ ଏହି ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।

# ସଡ଼କ ସୁରକ୍ଷା-ପଦଯାତ୍ରା

ରାୟଗଡା ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା ସଚେତନତା ସମ୍ପର୍କିତ ପଦଯାତ୍ରା ଗତକାଲି ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପ୍ରଦୀକ୍ଷଣ ଗୃହଠାରୁ ବାହାରିଥିବା ଶୋଭାଯାତ୍ରାକୁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ପତାକା

ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ବହୁ ଛାତ୍ରଛାତ୍ରୀ ଏବଂ ସମାଜର ବିଭିନ୍ନ ବର୍ଗର ଲୋକ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କିତ ସ୍ଲୋଗାନମାନ ଦେଇଥିଲେ ।

## ବୌଦ୍ଧ ସମ୍ମିଳନୀ-ସମୀକ୍ଷା ବୈଠକ

ଯାଜପୁରରେ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ବୌଦ୍ଧ ଗୁରୁ ପଦ୍ମସମ୍ଭବଙ୍କ ପ୍ରାର୍ଥନା ସମାରୋହ ତଥା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ନେଇ ଦ୍ୱିତୀୟ ପର୍ଯ୍ୟାୟ ସମୀକ୍ଷା ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଅମର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମାରୋହ ଆୟୋଜନର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି । ଆସନ୍ତାକାଲିଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏହି ସମାରୋହରେ ଦେଶବିଦେଶରୁ ୧୭ଶହରୁ ଊର୍ଦ୍ଧ୍ୱ ବୌଦ୍ଧ ଧର୍ମାବଲମ୍ବୀ ଯୋଗଦେବେ ।

## ବିଧାନସଭା କମିଟି-ଆଲୋଚନା

ବିଧାନସଭା କମିଟି ଗତକଲି ଓଡ଼ିଶା ଖଦି ଓ ଗ୍ରାମଦ୍ୟୋଗ ବୋର୍ଡ ପରିଦର୍ଶନ କରିବା ସହିତ ଖଦିର ପୁନଃରୁଦ୍ଧାର ପାଇଁ ବିଭାଗୀୟ ଅଧିକାରୀ ଏବଂ ଅନ୍ୟ ଅଂଶୀଦାରମାନଙ୍କ ସହ ଆଲୋଚନା କରିଛନ୍ତି । ଖଦି ପୋଷାକ ବ୍ୟବହାର ମାଧ୍ୟମରେ ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରିବା ଉପରେ କମିଟିର ସଦସ୍ୟ ଗୁରୁତ୍ୱାରୋପ କରିଛନ୍ତି । ବିଧାୟକ ଦୁଷ୍ମନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗସ୍ତ କରିଥିଲେ ।

## ସମୀକ୍ଷା ବୈଠକ

ଝାରସୁଗୁଡା ଜିଲ୍ଲା ପୌରାଞ୍ଚଳରେ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ନେଇ ଏକ ସମୀକ୍ଷା ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କୁନାଲ ମୋତିଲାଲ ଚୌହ୍ୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମାଧାନ ସମ୍ପର୍କିତ ବିଭିନ୍ନ ପଦକ୍ଷେପ ଗୁଡ଼ିକ ଉପରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଚୂଡାନ୍ତ ରିପୋର୍ଟ ଦାଖଲ କରବିାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଶୀତ

ରାଜ୍ୟରେ ଶୀତର ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଶୀତ ବୃଦ୍ଧି ପାଇବା ନେଇ ସୁନ୍ଦରଗଡ, ଝାରସୁଗୁଡା, ଅନୁଗୁଳ ଓ ଢ଼େଙ୍କାନାଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଗତକାଲି ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳଠାରେ ତାପମାତ୍ରା ମାଇନସ ୧ ଡିଗ୍ରୀ ରେକର୍ଡ ହୋଇଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି । ଜି. ଉଦୟଗିରିଠାରେ ତାପମାତ୍ରା ୨ ଦଶମିକ ୬ଡିଗ୍ରୀ ଓ ରାଉରକେଲାଠାରେ ସର୍ବନିମ୍ନ ତାପମାତ୍ରା ୩ ଦଶମିକ ୬ ଡିଗ୍ରୀ ସେଲସିୟସ ରହିଥିଲା ।

# ବିଚ୍ ଗେମ୍ସ

ଡିଉର ଘୋଘଲା ବିଚ୍‌ରେ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଓଡ଼ିଶା ମହିଳା ଫୁଟବଲ ଦଳ ବିଜୟୀ ହୋଇଛି । ଗତକାଲି ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ଦଳ ଗୁଜୁରାଟକୁ ୨-୧ ଗୋଲରେ ପରାସ୍ତ କରି ଟାଇଟଲ ବଜାୟ ରଖିଛି ।